ସେଦିନ-ଏଦିନ



> ସେ ଦିନ ଆଉ ଏ ଦିନ ମୁଦ୍ରାର ଦୁଇ ପଟ। ଏ ଦିନ ଚାଲିଗଲେ କାଲିକୁ ସେ ଦିନ ହୋଇଯାଏ। ସେଦିନର ଅପାସୋରା କଥାକୁ ନେଇ ଏଇ ଗଳ୍ପସଳ୍ପ...

ପ୍ରଣବ ଦାସ








# ଷ୍ଟାଇଲ୍ ମାଷ୍ଟର୍ ବିଜୟ

ତାଙ୍କ ଆଗରୁ ଓଡ଼

ଦର୍ଶକଙ୍କ ମନରେ ଆନ୍ଦୋଳନ ସୃଷ୍ଟି କରିଛି ଏବଂ ଫିଲ୍ମ ହଲ୍‌ର ଛାଇଆଲୁଅ ଖେଳ ଭିତରେ ଦର୍ଶକ ସେ ଚରିତ୍ର ଉପରେ ରକ୍ତ ଚାଉଳ ଚୋବେଇଛି। ପୁଣି ବହି ଶେଷ ବେଳକୁ ଯେତେବେଳେ ଭିଲେନ୍ ହାରିଯାଇଛି, ଖୁସିରେ ତାଳିମାରି ପ୍ରଶାନ୍ତି ଅନୁଭବ କରିଛି। ହଲିଉଡ୍ ହେଉ କି ବଲିଉଡ୍ - ଖଳନାୟକ ଫିଲ୍ମର ବିଶେଷ ଅଙ୍ଗ। ସେ ଫାଇଟିଂ କରୁ କି ବନ୍ଧୁକରୁ ଗୁଳି ଫୁଟଉ, ସେଇଟା ବଡ଼

ତେଣୁ ସେ ଦିନର ଫିଲ୍ମରେ ଫାଇଟ୍‌ସ ନ ଥିଲେ କ'ଣ ହବ ବିଭିନ୍ନ ରୂପରେ ଭିଲେନ୍ କିନ୍ତୁ ବିରାଜମାନ ରହୁଥିଲା।

୧୯୭୭ ମସିହାରେ ଓଡ଼ିଆ ଫିଲ୍ମରେ ଏକ ଷ୍ଟାଇଲିଶ୍ ଭିଲେନ୍‌ର ଆବିର୍ଭାବ ହେଲା। ହିନ୍ଦୀ ଫିଲ୍ମର ଶତ୍ରୁଘ୍ନ ସିହ୍ନାଙ୍କ ପରି ସେ ଓଡ଼ିଆ ଫିଲ୍ମରେ ନୂଆ ଧରଣର ଭିଲେନ୍ ରୋଲ୍ ଓ ଷ୍ଟାଇଲ୍ ପାଇଁ ରାତାରାତି ବିଖ୍ୟାତ ହୋଇଗଲେ। ଫିଲ୍ମଟି ଥିଲା 'ନାଗଫାଶ' ଆଉ ଏକ ଜଘନ୍ୟ ଖଳନାୟକ ଭୂମିକାରେ ଥିଲେ ବିଜୟ ମହାନ୍ତି। ଫିଲ୍ମରେ ଜିଅନ୍ତା ମହାବଳ ବାଘକୁ ପୋଷା ବିଲେଇ ପରି ଆଉଁଷି ଦେଇ ନିଜ ସାହସର ନମୁନା ଦେଖେଇ ଦେଲେ ଓଡ଼ିଆ ଦର୍ଶକଙ୍କୁ। ସେଇଠାରୁ ଆରମ୍ଭ ହେଲା ତାଙ୍କର ବିଜୟ ଯାତ୍ରା। ଦର୍ଶକ ହଲ୍‌ରେ ତାଙ୍କ ଅଭିନୟକୁ ନେଇ ରାଗରେ ଅଥୟ ହେଉ ହେଉ, ହଠାତ୍ ତାଙ୍କୁ ମନର ନିଭୃତ କୋଣରେ ଭଲ ପାଇବାକୁ ଆରମ୍ଭ କଲା। ଏମିତି କେବଳ ଘଟିଥିଲା ମହାନ୍ ହିନ୍ଦୀ ଅଭିନେତା ଶତ୍ରୁଘ୍ନ ସିହ୍ନାଙ୍କ କ୍ଷେତ୍ରରେ। ଏମିତି ବି ହୋଇଥିଲା ଯେ ଶତ୍ରୁଘ୍ନ ଯେତେବେଳେ ତାଙ୍କ ଷ୍ଟାଇଲ୍‌ରେ ଫିଲ୍ମର ହିରୋକୁ ଥଟ୍ଟା-ପରିହାସ ତଥା ତିରସ୍କାର କରିଛନ୍ତି ତାଙ୍କ ପ୍ରଶଂସକମାନେ ରାଗିବା ପରିବର୍ତ୍ତେ ତାଙ୍କ ସମର୍ଥନରେ ତାଳି ମାରିଛନ୍ତି। ସେମିତି ଆମ ଫିଲ୍ମର ଅଭିନେତା ବିଜୟ ମହାନ୍ତିଙ୍କ କ୍ଷେତ୍ରରେ ବି ଘଟିଥିଲା। ଶତ୍ରୁଘ୍ନଙ୍କ ଷ୍ଟାଇଲ୍‌ରେ ନିଜକୁ ସଜେଇ ଅଭିନୟ କରିବାରେ ସେ ଏକା ନୁହନ୍ତି। ଦକ୍ଷିଣ ଭାରତ ଫିଲ୍ମରେ ଜଣେ ସ୍ମାର୍ଟ୍ ବସ୍ କଣ୍ଡକ୍ଟର୍ ଯାହାଙ୍କ ନାମ ରଜନୀକାନ୍ତ, ସେ ମଧ୍ୟ ଶତ୍ରୁଘ୍ନ ସିହ୍ନାଙ୍କ ହଟଚମଟକୁ ବ୍ୟବହାର କରି ସୁପର୍‌ଷ୍ଟାର୍ ହୋଇଥିବାର ନଜିର୍ ଅଛି। ସମସ୍ତେ ତ କହିଦେବେ ଯେ ହେଇ ଦେଖ ଅମୁକ ଅମୁକଙ୍କୁ କପି କରୁଛି। ହେଲେ ସେଇ କପି କରିବା କ'ଣ ସହଜ କଥା ? ଯିଏ କରି ପାରିଲା ସିଏ ବାହାଦୁର ! ତା'ପାଖରେ ସେତିକି ତାକତ୍ ଅଛି ଅଭିନୟର। ସେମିତି ମୋର ପରମ ବନ୍ଧୁ ବିଜୟ ଯାହାଙ୍କର ଓଡ଼ିଆ ଫିଲ୍ମରେ ଖଳନାୟକକୁ ଆଧୁନିକ ଢାଞ୍ଚା ଦେବାରେ ଅବଦାନ ଅତୁଳନୀୟ।







ନୂଆଦିଲ୍ଲୀର ନ୍ୟାସନାଲ୍ ସ୍କୁଲ ଅଫ୍ ଡ୍ରାମା ଯାହାକି ସଂକ୍ଷିପ୍ତ ଭାବେ ଏନ୍‌ଏସ୍‌ଡ଼ି ରୂପେ ଖୁବ୍ ପରିଚିତ, ସେଇ ପ୍ରଖ୍ୟାତ ଅନୁଷ୍ଠାନରୁ ଅଭିନୟ କଳାରେ ଡିପ୍ଲୋମା ନେଇ ବିଜୟ ଫେରିଥିଲେ ଓଡ଼ିଶା। କିନ୍ତୁ ସେ ସମୟରେ ଯିଏ ସୁଯୋଗ ପାଇ ଏନ୍‌ଏସ୍‌ଡିରେ ପଢୁଥିଲା ଏବଂ ଡିପ୍ଲୋମା ହାସଲ କରୁଥିଲା, ସେ ହିନ୍ଦୀ ଫିଲ୍ମର ଜଲ୍‌ୱାରେ ଆକର୍ଷିତ ହୋଇ ଦୌଡୁଥିଲା ବମ୍ବେ। କିଛି ବିଖ୍ୟାତ ଏନ୍‌ଏସ୍‌ଡି ସ୍ନାତକ ଅଭିନେତାଙ୍କ କଥା କହୁଛି। ସେମାନେ ହେଲେ ନଶିରୁଦ୍ଦିନ୍ ଶାହ, ଓମ୍‌ପୁରୀ, ରାଜ୍ ବବ୍ବର୍, ଅନୁପମ ଖେର୍ ଇତ୍ୟାଦି। ବିଜୟ କିନ୍ତୁ ସେମାନଙ୍କ ସମସାମୟିକ ହେଇ ମଧ୍ୟ ଓଡ଼ିଶା ଫେରି ଏଠି ଏନ୍‌ଏସ୍‌ଡି ଅଭିନୟ କଳାର ମହକ ବାଣ୍ଟିବାର ରିସ୍କ୍ ନେଇଥିଲେ। ଏହାଦ୍ୱାରା ଓଡ଼ିଶାର ନାଟ୍ୟ ତଥା ଫିଲ୍ମ ଜଗତର ବେଶ୍ ଲାଭ ହୋଇପାରିଲା। ଏବେକାର ଯୁବ ବନ୍ଧୁମାନେ ବିଜୟ ମହାନ୍ତିଙ୍କୁ ଜଣେ ପ୍ରଖ୍ୟାତ ଚରିତ୍ର ଅଭିନେତା ଭାବେ ଦେଖୁଛନ୍ତି। କିନ୍ତୁ ମୋର ଅନୁରୋଧ-ସୁଯୋଗ ପାଇଲେ, ବିଜୟ ମହାନ୍ତି ଯୁବ-ଭିଲେନ୍ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ସେଦିନର ଓଡ଼ିଆ ଫିଲ୍ମ ଦେଖନ୍ତୁ। ବୁଝିପାରିବେ, ବିଜୟ କେତେ ଉଚ୍ଚସ୍ତରର ଅଭିନେତା ଆଉ ଷ୍ଟାଇଲ୍ ମାଷ୍ଟର୍।

ଓଡ଼ିଆ ଫିଲ୍ମରେ ତାଙ୍କର ଆବିର୍ଭାବ ହେବା ପରେ ବଡ଼ ବଡ଼ ରିସ୍କ୍ ଥିବା ଶଟ୍ ସବୁ ନିଆଯାଇ ପାରିଲା। ବମ୍ବେ, ମାଡ୍ରାସ୍‌ରୁ ଆସୁଥିବା ଫାଇଟ୍ ମାଷ୍ଟର୍‌ମାନେ ଯେଡ଼େ କଷ୍ଟକର ଫାଇଟ୍ କମ୍ପୋଜ୍ କଲେ ମଧ୍ୟ ବିଜୟ ତାକୁ ଅତି ସହଜରେ ଅନୁକରଣ କରି ଫିଲ୍ମ ପର୍ଦ୍ଦାରେ ଦେଖେଇ ଦେଲେ। ଅନେକ ଷ୍ଟଣ୍ଟ୍ କାମ ଡୁପ୍ଲିକେଟ୍‌ର ସହାୟତା ବିନା ସେ ସଫଳତାର ସହ ପେଶ୍ କରିପାରିଲେ। ସେ ସମୟର ହିନ୍ଦୀ ଫିଲ୍ମର ବିଖ୍ୟାତ ଫାଇଟ୍ ମାଷ୍ଟର୍ ରାମ ସେଟ୍ଟୀ ବିଜୟଙ୍କର ଜଣେ ବଡ଼ ପ୍ରଶଂସକ ବନିଗଲେ।

କେବଳ ଫାଇଟ୍‌ସ ଓ ଷ୍ଟାଇଲ୍ ପାଇଁ ନୁହେଁ, ଅଭିନୟରେ ବିଶେଷ ଦକ୍ଷତା ଥିଲା ବିଜୟ ମହାନ୍ତିଙ୍କ ଅସଲ୍ ଆୟୁଧ। ଚରିତ୍ରକୁ ଆନ୍ତରିକ ସ୍ତରରେ ଅନୁଭବ କରି ସେଥିରେ ଗଭୀରତା ସୃଷ୍ଟି କରିବାର ତାକତ୍ ଥିଲା ତାଙ୍କର। ଅନେକ ଫିଲ୍ମ ଭିତରୁ ବିଜୟଙ୍କ କିଛି ବିଶେଷ ସୃଷ୍ଟି ହେଲା - 'ଜଗା ହାତରେ ପଘା', 'ହାକିମ ବାବୁ', 'ଶେଷ ପ୍ରତୀକ୍ଷା', 'କିଏ ଜିତେ କିଏ ହାରେ', 'ଟିକେ ହସ ଟିକେ ଲୁହ', 'ସମୟ ବଡ଼ ବଳବାନ୍', 'ସ୍ୱପ୍ନ ସାଗର', ରାମ୍ ରହିମ୍', 'ଦଣ୍ଡା ବାଳୁଙ୍ଗା', 'ଜନନୀ', 'କାବେରୀ', 'ଜାଇଫୁଲ', 'ସହରୀ ବାଘ', 'ବଧୂ ନିରୁପମା' ଇତ୍ୟାଦି। ତାଙ୍କ ଅଭିନୀତ 'ଚିଲିକା ତୀରେ' ଓ 'ହାକିମ ବାବୁ' ଜାତୀୟ ପୁରସ୍କାର ଲାଭ କରିଛି।

ବିଜୟ ଗୋଟିଏ ଫିଲ୍ମର ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ନାଁଟି ତା'ର 'ଭୁଲି ହୁଏନା'। ସେ ମୋର ପ୍ରିୟ ବନ୍ଧୁ ହୋଇଥିବାରୁ 'ବଧୂ ନିରୁପମା' ପରି 'ଭୁଲି ହୁଏନା'ର ଚିତ୍ରନାଟ୍ୟ ମଧ୍ୟ ମୁଁ ଲେଖିଥିଲି। ମୋ ନିର୍ଦ୍ଦେଶିତ ତିନୋଟି ଫିଲ୍ମ - 'ହାକିମ ବାବୁ', 'ଶେଷ ପ୍ରତୀକ୍ଷା'ଏବଂ 'ହସ ଲୁହ ଭରା ଦୁନିଆ'ରେ ବିଜୟ ମହାନ୍ତି ଅଭିନୟ କରୁଥିବାବେଳେ ମୁଁ ଅନୁଭବ କରିଛି ଯେ ସବୁ ଦୃଷ୍ଟିରୁ ସେ ଜଣେ ମହାନ୍ ଅଭିନେତା। ◆

ବରିଷ୍ଠ ଚଳଚ୍ଚିତ୍ର ନିର୍ଦ୍ଦେଶକ, ମୋ: ୦୯୪୩୭୩୦୫୮୬୬